# India Russia consultations on UNSC issues

January 31, 2022

## ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗ ଉପରେ ଭାରତ ଓ ଋଷ ମଧ୍ୟରେ ବିଚାର ବିମର୍ଷ

**ଜାନୁଆରୀ 31, 2022**

31 ଜାନୁଆରୀ 2022 ରେ ଭାରତ ଏବଂ ଋଷ ମଧ୍ୟରେ ମିଳିତ ଜାତିସଂଘ ସମ୍ବନ୍ଧୀୟ ପ୍ରସଙ୍ଗରେ ଦ୍ୱିପାକ୍ଷିକ ବିଚାର ବିମର୍ଷ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀମତୀ ରୀନାତ୍ ସାନ୍ଧୁ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିବାବେଳେ ଋଷ ପ୍ରତିନିଧୀ ଦଳର ନେତୃତ୍ୱ ଋଷର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ (ଡିଏଫଏମ୍) ତଥା ମାନ୍ୟବର ରାଷ୍ଟ୍ରଦୂତ ସର୍ଗେ ଭାସିଲୟେଭିଚ୍ ଭର୍ସିନିନ୍ ନେଇଥିଲେ।

2. ଫେବୃଆରୀ 2022 ରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷତା ପାଇଁ ସଚିବ (ପଶ୍ଚିମ) ଋଷକୁ ଅଭିନନ୍ଦନ ଜଣାଇଥିଲେ। ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏଜେଣ୍ଡା ଓ ଆନୁଷଙ୍ଗିକ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ବିସ୍ତୃତ ଆଲୋଚନା କରିଥିଲେ। ବହୁପକ୍ଷୀୟ ମଞ୍ଚରେ ପାରସ୍ପରିକ ଆଗ୍ରହର ପ୍ରସଙ୍ଗରେ ସହଯୋଗକୁ ବୃଦ୍ଧି କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ମିଳିତ ଜାତିସଂଘର ସାଧାରଣ ପରିଷଦର 76 ତମ ଅଧିବେଶନରେ ଋଷର ପ୍ରତିନିଧୀ ଦଳ ଏହାର ପ୍ରାଥମିକତାଗୁଡିକ ବିଷୟରେ ଭାରତକୁ ସୂଚନା ଦେଇଥିଲେ। ଉଭୟ ଦେଶ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକୁ ଏବଂ ସେମାନଙ୍କର ଦୀର୍ଘସ୍ଥାୟୀ, ସ୍ୱତନ୍ତ୍ର ଓ ବିଶେଷ ରଣନୀତିକ ଭାଗିଦାରୀକୁ ଧ୍ୟାନରେ ରଖି ଉଭୟ ପକ୍ଷ ଏକାଠି କାର୍ଯ୍ୟ କରିବାକୁ ରାଜି ହୋଇଥିଲେ।

3. ଏହି ଗସ୍ତ ସମୟରେ ଋଷର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ବୈଦେଶିକ ସଚିବ ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲାଙ୍କୁ ସାକ୍ଷାତ କରି ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅଧ୍ୟକ୍ଷତା ସମୟରେ ଋଷର ପ୍ରାଥମିକତାଗୁଡିକ ବିଷୟରେ ସୂଚନା ଦେଇଥିଲେ।

**ନୂଆଦିଲ୍ଲୀ**

**ଜାନୁଆରୀ 31, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.